BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ବିଚିତ୍ର ରାମାୟଣ ବନାମ୍ କୃତ୍ତିବାସ ରାମାୟଣ: ଏକ ତୁଳନାତ୍ମକ ବିଚାର

**ହିତେଶ ବେହେରା**
ଗବେଷକ, ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

BM2025/03-A001

RECEIVED : 10 MAY 2025
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025

ARTICLE QR CODE

DOI: 10.70541/BAGEESHA/2025030301

Article No. BM2025/03-A001
Category : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

## ସାରାଂଶ

ଭାରତ ତଥା ସମଗ୍ର ଏସିଆ ଭୂଖଣ୍ଡରେ ରାମାୟଣ ମହାକାବ୍ୟ ଏକ ଶ୍ରେଷ୍ଠତମ କାଳଜୟୀ ସୃଷ୍ଟି। ଏକ ମହତ୍ତର ମୂଲ୍ୟବୋଧଯୁକ୍ତ କାବ୍ୟ ଭାବରେ ଏହା ସବୁ ସମୟରେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଆସିଛି। ଏହି ରାମାୟଣ ମହାକାବ୍ୟର ସ୍ରଷ୍ଟା ହେଉଛନ୍ତି ମହାମୁନି ବାଲ୍ମୀକି। ତାଙ୍କରି ଏଇ ମୂଳକାବ୍ୟ ଅନୁସାରୀ ଅଞ୍ଚଳ ଭେଦରେ କବି ଓ ଲେଖକମାନେ ସ୍ଥାନ, କାଳ ଓ ପାତ୍ରକୁ ଆଧାର କରି ରାମାୟଣ ରଚନା କରିଛନ୍ତି। ଏଇ ପରିପ୍ରେକ୍ଷୀରେ ବଙ୍ଗଳା କବି କୃତ୍ତିବାସଙ୍କ ରାମାୟଣ ଏବଂ ଓଡ଼ିଆରେ ରଚିତ ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ'ର ତୁଳନାତ୍ମକ ବିଚାର କରାଯାଇଛି। ଏଥିରେ ଉଭୟ ରାମାୟଣରେ ଦୁଇ କବିଙ୍କ ମୌଳିକତା ସଂପର୍କରେ ଚର୍ଚ୍ଚା କରାଯିବା ସହ ଦୁଇ ରାମାୟଣ ମଧ୍ୟରେ କ'ଣ କ'ଣ ବୈଷମ୍ୟ ରହିଛି, କିପରି ସାମାଜିକ ପ୍ରଭାବ ପଡିଛି ସେ ସଂପର୍କରେ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ଦେଇ ବିଶ୍ଳେଷଣ କରାଯାଇଛି।

**ମୂଳଶବ୍ଦ:** ରାମାୟଣ, ବଙ୍ଗଳା, ଓଡ଼ିଆ, ସାହିତ୍ୟ, ସଂସ୍କୃତି, ଓଡିଶା ଓ ସମାଜ, ତୁଳନାତ୍ମକ ବିଚାର, ବିଚିତ୍ର ରାମାୟଣ, କୃତ୍ତିବାସ ରାମାୟଣ।

**ଉପକ୍ରମ:** ଭାରତୀୟ ସଂସ୍କୃତିର ଦୁଇ ମହାକାବ୍ୟ ମଧ୍ୟରୁ ରାମାୟଣ ହେଉଛି ଅନ୍ୟତମ। ଏଇ ରାମାୟଣ ହିଁ ଭାରତର ପ୍ରଥମ ମହାକାବ୍ୟ। ଭାରତୀୟ ସଂସ୍କୃତି, ମୂଲ୍ୟବୋଧ ଓ ଆଦର୍ଶକୁ ଧାରଣ କରୁଥିବା ରାମାୟଣ ହେଉଛି ସମଗ୍ର ଭାରତ ଭୂଖଣ୍ଡର ଜୀବନ ବେଦ। ରାମାୟଣ ବ୍ୟକ୍ତି ଚେତନାର କଥା କୁହେ ନାହିଁ ବରଂ ସମୂହ ଚେତନାର କଥା କହେ। ପ୍ରତିଟି ଭାରତୀୟଙ୍କ ଅନ୍ତର୍ମନର ଭାବନା ଓ ବିଚାରକୁ ବଖାଣି ବସେ ରାମାୟଣ। ଏଇ ପବିତ୍ର ମହାକାବ୍ୟ ହିଁ ଆମ ଚେତନାର ପ୍ରାଣ ସଞ୍ଚାରକ, ନବ ନବ ଭାବନାର ବାହକ ଏବଂ ପ୍ରେରଣା ତଥା ଉତ୍ସାହର ଶ୍ରେଷ୍ଠ କାରକ। ଏହା ଆମ ଗର୍ବ ଓ ଗୌରବର ପବିତ୍ର ସ୍ମାରକୀ। ରାମାୟଣ କେବଳ ଆମ ଭାରତ ଭୂଖଣ୍ଡରେ ସୀମିତ ନୁହେଁ ବରଂ ସମଗ୍ର ବିଶ୍ୱରେ ପ୍ରଚାରିତ ଓ ପ୍ରସାରିତ। ଏହାର ବ୍ୟାପ୍ତିର ତରଙ୍ଗ ବିଶ୍ୱ ଆଡକୁ ପ୍ରବାହିତ। ଏହା ଆମ ଆଶା, ବିଶ୍ୱାସ, ଭାବନା, ମୂଲ୍ୟବୋଧ ଓ ସଭ୍ୟତାର ଏକ ସମୁଜ୍ଜ୍ୱଳ ପ୍ରତୀକ। ରାମାୟଣ ପଠନ କିମ୍ବା ଶ୍ରବଣ ଦ୍ୱାରା ଆମ ଭାବନା ଓ ଚେତନା ଆଲୋକରୁ ଅନ୍ଧାରକୁ, ଭୋଗରୁ ତ୍ୟାଗକୁ, ଘୃଣାରୁ ପ୍ରେମକୁ, ପାପରୁ ପୂଣ୍ୟକୁ, ଶୂନ୍ୟରୁ ପୂର୍ଣ୍ଣ ଆଡକୁ ଗତିଶୀଳ ହୁଏ।[୧]

**ବିଷୟର ଆଲୋଚନା:** ଦୁଇଟି ସାହିତ୍ୟ ମଧ୍ୟରେ ତୁଳନା କରିବା କଥା ଯେତେବେଳେ ଆମ ବିଚାରକୁ ଆସେ, ସେତେବେଳେ ଆମେ ଦୁଇ ସାହିତ୍ୟର ଅନ୍ତଃସ୍ୱର ଓ ଅନ୍ତର୍ସତ୍ୟ ସହିତ ଯୋଡି ହେଉ। ଏଇ ତୁଳନା ସାଧାରଣତଃ ଦୁଇଟି ଭିନ୍ନ ସଂସ୍କୃତି, ଭିନ୍ନ ପ୍ରଦେଶ, ଭିନ୍ନ ଭାଷା, ଭିନ୍ନ ସମୟ ଓ ଭିନ୍ନ ଶୈଳୀ ସହ ତୁଳନା କରାଯାଇଥାଏ। ତୁଳନା କରିବା ଦ୍ୱାରା ଅନ୍ୟ ପ୍ରଦେଶର ଚାଲି ଚଳଣି ଓ ସଂସ୍କୃତି ସମ୍ବନ୍ଧରେ ପରିଚିତ ହେବା ସଙ୍ଗେ ସଙ୍ଗେ ନିଜ ଦେଶର ବା ପ୍ରଦେଶର ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ସଂସ୍କୃତି ସହ ଯୋଡିଦେବା। ଏହି ତୁଳନାତ୍ମକ ଅଧ୍ୟୟନ ବିଭିନ୍ନତା ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ଏକତାର ଉପାଦାନମାନ ନିରୂପଣ କରିବା ହିଁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଏକ ମୌଳିକ ଉଦ୍ଦେଶ୍ୟ ଓ ଅଭିପ୍ରାୟ।[୨] ଏଇ ପରିପ୍ରେକ୍ଷୀରେ ବଙ୍ଗଳା ସାହିତ୍ୟରେ ପଞ୍ଚଦଶ ଶତାବ୍ଦୀର ବିଶିଷ୍ଟ ଲେଖକ କୃତ୍ତିବାସ ଓଝାଙ୍କ 'କୃତ୍ତିବାସ ରାମାୟଣ' ଏବଂ

VOL NO 03 ISSUE NO 03

ଓଡ଼ିଆ ସାହିତ୍ୟର ରୀତିଯୁଗୀୟ କବି ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ'ର ତୁଳନାତ୍ମକ ଅଧ୍ୟୟନ କରିବା ସମୀଚୀନ। ଏ ଦୁଇ କାବ୍ୟରେ ନିହିତ ଥିବା ଏକାତ୍ମବୋଧତା, ସାଦୃଶ୍ୟ, ବୈସାଦୃଶ୍ୟ ଓ ପ୍ରଭାବକୁ ଆକଳନ କରିବା ଏ ପ୍ରବନ୍ଧର ମୌଳିକ ଉଦ୍ଦେଶ୍ୟ। ଏ ଦୁଇଟି କାବ୍ୟ ସମ୍ପର୍କରେ ଚର୍ଚ୍ଚା କରିବା ପୂର୍ବରୁ ଦୁଇଜଣ ସ୍ରଷ୍ଟାଙ୍କ ସମ୍ବନ୍ଧରେ କିଞ୍ଚିତ ସୂଚନା ଦେବା ଉଚିତ୍ ମନେହୁଏ। ବିଚିତ୍ର ରାମାୟଣର ସ୍ରଷ୍ଟା ବିଶ୍ୱନାଥ ଖୁଣ୍ଟିଆ ଥିଲେ ରୀତି ଯୁଗର ବରେଣ୍ୟ ସ୍ରଷ୍ଟା ଉପେନ୍ଦ୍ର ଭଞ୍ଜ ତଥା ଦୀନକୃଷ୍ଣ ଦାସଙ୍କ ସମସାମୟିକ କାବ୍ୟକାର। ସେ ପୁରୀର ବାସିନ୍ଦା ଥିଲେ। ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସମୟରେ 'ବିଚିତ୍ର ରାମାୟଣ' ରଚନା କରିଥିଲେ। ଏଥିରେ ବିଶି ନାମରେ ଭଣିତା କରିଥିବା ହେତୁ ଏହା ବିଶି ରାମାୟଣ ନାମରେ ମଧ୍ୟ ପରିଚିତ। ଏଥିରେ କେତେକ ସ୍ଥଳରେ ବିକ୍ରମ ନରେନ୍ଦ୍ର, ଗୋପୀନାଥ ଓ ପଦ୍ମନାଭ ନାମରେ ଭଣିତା ହୋଇଛି।(୩) ସେହିପରି କୃତ୍ତିବାସ ଓଝା ମଧ୍ୟ ପଞ୍ଚଦଶ ଶତାବ୍ଦୀର ଜଣେ ଯଶସ୍ୱୀ ଲେଖକ ଥିଲେ। ୧୪୪୬ ମାଘ ପଞ୍ଚମୀରେ ପୂର୍ବ ବଙ୍ଗଳାର ଫୁଲିଆ ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ ଆବିର୍ଭାବ ହୋଇଥିଲେ। ତାଙ୍କ ପିତାଙ୍କ ନାମ ଥିଲା ବନମାଳୀ ଓଝା। ସେ ଗୌଡ ରାଜାଙ୍କ ପରାମର୍ଶ ଓ ଅନୁରୋଧ କ୍ରମେ ରାମାୟଣ ରଚନା କରିଥିବାର ପ୍ରମାଣ ମିଳେ। ପରବର୍ତ୍ତୀ ସମୟରେ କୃତ୍ତିବାସଙ୍କ ଦ୍ୱାରା ରଚିତ ରାମାୟଣକୁ ବଙ୍ଗୀୟ ସାହିତ୍ୟ ପରିଷଦ ପୁନରୁଦ୍ଧାର କରି ସମ୍ପାଦନା କରିଥିଲେ।(୪) ଉଭୟ ରାମାୟଣକୁ ତୁଳନା କଲେ ନିମ୍ନ ପ୍ରକାରରେ ବିଶ୍ଳେଷଣ କରାଯାଇପାରିବ –

**୧) ସାଦୃଶ୍ୟ:** ଉଭୟ ବଙ୍ଗଳା ଓ ଓଡ଼ିଆ ରାମାୟଣ ଯେହେତୁ ମୂଳ ବାଲ୍ମୀକି ରାମାୟଣର ଅନୁସୃଜନରେ ରଚିତ, ତେଣୁ ସାଦୃଶ୍ୟ ରହିବା କିଛି ଅସ୍ୱାଭାବିକ ଘଟଣା ନୁହଁ। ସେହି କାରଣରୁ ସାଦୃଶ୍ୟ ଉଲ୍ଲେଖ କରିବା ଅଯଥାର୍ଥ ମନେହୁଏ। ମୂଳ ରାମାୟଣ ଅନୁସାରେ ଉଭୟ ରାମାୟଣର ବିଷୟବସ୍ତୁ ସମାନ ରହିଛି। ପ୍ରତ୍ୟେକ ଅଧ୍ୟାୟ ଓ କାଣ୍ଡ ଶେଷରେ ଭଣିତାମାନ ମଧ୍ୟ ରହିଛି। ବିଷୟବସ୍ତୁରେ ସମାନତା ପରିଲକ୍ଷିତ ହେଲେ ହେଁ ଉଭୟ ରାମାୟଣର କିଛି ପରିମାଣରେ ଆଙ୍ଗିକ ଓ ଆତ୍ମିକ ଦିଗରେ ପରିବର୍ତ୍ତନ ଘଟିଛି।

**୨) ବୈସାଦୃଶ୍ୟ:** ବିଶ୍ୱନାଥ ଖୁଣ୍ଟିଆ ଓ କୃତ୍ତିବାସ ଓଝାକୃତ ରାମାୟଣରେ ଅନେକାଂଶରେ ବୈଷମ୍ୟ ପରିଲକ୍ଷିତ ହୁଏ, ତାହା ନିମ୍ନରେ ପ୍ରଦାନ କରାଗଲା ।

**କ) ବିଷୟଗତ ବୈଷମ୍ୟ:** ବଙ୍ଗଳାର କୃତ୍ତିବାସ ରାମାୟଣ ଓ ବିଚିତ୍ର ରାମାୟଣର ସାତଟିଯାକ କାଣ୍ଡରେ ଭିନ୍ନତା ପରିଲକ୍ଷିତ ହୁଏ। ପ୍ରଥମ କଥା ବଙ୍ଗଳା ରାମାୟଣର ରଚନା କାଳ ହେଉଛି ପଞ୍ଚଦଶ ଶତାବ୍ଦୀ; ମାତ୍ର ବିଚିତ୍ର ରାମାୟଣର ସର୍ଜନା ସମୟ ହେଉଛି ସପ୍ତଦଶ ଶତାବ୍ଦୀ। ତଳେ ବିଭିନ୍ନ କାଣ୍ଡମାନଙ୍କରେ ଉଭୟ ରାମାୟଣରେ ଯେଉଁ ଅସମାନତା ରହିଛି ତାହାକୁ ବିଶ୍ଳେଷଣ କରାଗଲା।

**-ଆଦିକାଣ୍ଡରେ:** ବିଶ୍ୱନାଥଙ୍କ ରାମାୟଣର ମଙ୍ଗଳାଚରଣରେ ଗଣେଶ, ସର୍ବଦେବଦେବୀ, ବିଷ୍ଣୁ, ସରସ୍ୱତୀ, କଟକଚଣ୍ଡୀ, ରାମଚନ୍ଦ୍ର, ସୀତା, ଲକ୍ଷ୍ମଣ ଓ ବାଲ୍ମୀକି ଆଦିଙ୍କୁ ବନ୍ଦନା କରିଛନ୍ତି। କିନ୍ତୁ ବଙ୍ଗଳା ରାମାୟଣ ବାଲ୍ମୀକିଙ୍କ ବନ୍ଦନା ଓ ତାଙ୍କ ଚରିତର ବର୍ଣ୍ଣନା ରହିଛି। ସୀତା ଜନ୍ମ ରହସ୍ୟ ଓ ବେଦମତୀ ପ୍ରସଙ୍ଗ ମଧ୍ୟ ବଙ୍ଗଳା ରାମାୟଣରେ ଉପଲବ୍ଧ ନାହିଁ ଯାହା ବିଚିତ୍ର ରାମାୟଣରେ ଉପଲବ୍ଧ। ବଙ୍ଗଳା ରାମାୟଣରେ ଶ୍ରବଣ କୁମାର ପ୍ରସଙ୍ଗ ରହିଛି; ମାତ୍ର ଶ୍ରବଣ କୁମାର ବୋଲି ନାମୋଲ୍ଲେଖ ନାହିଁ ତା' ସ୍ଥାନରେ ଅନ୍ଧମୁନିର ପୁଅଙ୍କ ନାମ ସିନ୍ଧୁ ବୋଲି ଉଲ୍ଲିଖିତ। ଏ ବିଷୟ ବିଚିତ୍ର ରାମାୟଣରେ ସମ୍ପୂର୍ଣ୍ଣ ଉତକ୍ଷିପ୍ତ ହୋଇଛି। ବିଶି ବା ବଙ୍ଗଳା ରାମାୟଣରେ କୃତ୍ତିବାସ ବାରଜଣ ବେଶ୍ୟାଙ୍କ ଦ୍ୱାରା ବିଭାଣ୍ଡକ ପୁତ୍ର ଋଷ୍ୟଶୃଙ୍ଗଙ୍କୁ ଅଙ୍ଗ ରାଜ୍ୟକୁ ନେଇଆସିଛନ୍ତି। ମାତ୍ର ବିଶ୍ୱନାଥ ଖୁଣ୍ଟିଆ ତାଙ୍କ ଜନ୍ମଚରିତ ବର୍ଣ୍ଣନା କରିଛନ୍ତି। ଏଠାରେ ଋଷ୍ୟଶୃଙ୍ଗଙ୍କୁ ଆଣିବା ବେଳେ ବାରଜଣ ବେଶ୍ୟାଙ୍କ ସମେତ ଜରତା ନାମ୍ନୀ ବେଶ୍ୟା ଯାଇ ଋଷିପୁତ୍ରଙ୍କୁ ଆଣିଛନ୍ତି। ମୁନି ଆସିବା ସଙ୍ଗେ ସଙ୍ଗେ ଅଙ୍ଗ ରାଜ୍ୟରେ ମୂଷଳ ଧାରାରେ ବର୍ଷା ହୋଇଛି- "ମୁନି ଆସନ୍ତେଣ ବୃଷ୍ଟି କଲା ଆଖଣ୍ଡଳ/ ବୋଲେ ଗୋପୀ ଜନପ୍ରଜା ଆନନ୍ଦ ସକଳ।"(୫)

ସେହିପରି ଏଇ କାଣ୍ଡରେ ପର୍ଶୁରାମ ଓ ବିଶ୍ୱାମିତ୍ରଙ୍କ ଜନ୍ମ ଚରିତ ବର୍ଣ୍ଣନା କରିବାବେଳେ ରାଜପୁତ୍ର କିପରି ଋଷିପୁତ୍ର ଏବଂ ଋଷିପୁତ୍ର କିପରି ରାଜପୁତ୍ର ହେଲେ ତାହା ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ଏ ଜନ୍ମ ପ୍ରସଙ୍ଗ ବଙ୍ଗଳା ରାମାୟଣରେ ମିଳେ ନାହିଁ। ସେପରି ସୀତା ସ୍ୱୟମ୍ବରରେ ଲଙ୍କାପତି ରାବଣ ବିଦ୍ୟମାନ ଥିବା କଥା ଉଭୟ ରାମାୟଣରେ ରହିଛି। କିନ୍ତୁ ବିଚିତ୍ର ରାମାୟଣରେ ରାବଣ କେବଳ ନୀରବ ଦର୍ଶକର ଭୂମିକା ଲିଭାଇଛନ୍ତି ଏବଂ ଧନୁଭଙ୍ଗ କରିବାକୁ ଯାଇନାହାନ୍ତି। ଅଥଚ ବଙ୍ଗଳା ରାମାୟଣରେ ରାବଣ ସ୍ୱୟମ୍ବର ସଭାକୁ ଯାଇ ଜନକଙ୍କୁ ଆହ୍ୱାନ କରି ଧନୁଭଙ୍ଗ କରିବାର ପ୍ରଚେଷ୍ଟା କରିଛି; କିନ୍ତୁ ବିଫଳ ହୋଇ ବାଳକାଦିଙ୍କ ଦ୍ୱାରା ଉପହାସର ପାତ୍ର ସାଜିଛନ୍ତି।(୬)

ଅରଣ୍ୟ କାଣ୍ଡର ବଙ୍ଗଳା ରାମାୟଣରେ ଜଟାୟୁର ମର ଶରୀରକୁ ଦାହ ସଂସ୍କାର କଲାପରେ ସମାପ୍ତି ଘଟିଛି। ମାତ୍ର ବିଶି ରାମାୟଣରେ କବନ୍ଧ ରାକ୍ଷସର ବଧ, ତା ପରେ ରାମ ଲକ୍ଷ୍ମଣଙ୍କ ଶବର ପଲ୍ଲୀ ଗମନ, ସେଠାରେ ପ୍ରତୀକ୍ଷାରତା ମାତଙ୍ଗ ମୁନିଙ୍କ ଶିଷ୍ୟା ଶବରୀ ତାଙ୍କୁ ସୁଗ୍ରୀବଙ୍କ ବାସସ୍ଥାନ ସମ୍ପର୍କରେ ସୂଚନା ପ୍ରଦାନ କରି ସ୍ୱର୍ଗକୁ ଯାତ୍ରା କରିବାରେ ସମାପ୍ତି ଘଟିଛି।(୭) ଶବର ପଲ୍ଲୀ ବର୍ଣ୍ଣନା କୃତ୍ତିବାସଙ୍କ କୃତିରେ ଦେଖାଯାଏ ନାହିଁ କାରଣ ଶବର ଜନଜାତିର ଲୋକେ କେବଳ ଓଡ଼ିଶା ବ୍ୟତୀତ ଅନ୍ୟ କେଉଁ ସ୍ଥାନରେ ବସବାସ କରୁଥିବାର ଏଯାବତ୍ ପ୍ରମାଣ ମିଳିନାହିଁ। ଏହି କାରଣରୁ କୃତ୍ତିବାସ ତାଙ୍କ ରାମାୟଣରେ ଶବରୀ ପ୍ରସଙ୍ଗ ଉଲ୍ଲେଖ କରି ନ ଥାଇପାରନ୍ତି । କିଷ୍କିନ୍ଧ୍ୟା କାଣ୍ଡରେ ଲକ୍ଷ୍ମଣଙ୍କ ପମ୍ପା ସରୋବରରେ ଚକ୍ରବାକ ଦମ୍ପତ୍ତିକୁ ଅଭିଶାପ ଦେବା, ତାଙ୍କୁ କ୍ଷୀର ଦେବାକୁ ମନା କରିଥିବା ଗୋପାଳଙ୍କୁ ରକ୍ତ ଦୁହଁ ବୋଲି କହିବା, ସୁଗ୍ରୀବ ରାଜା ହେବାପରେ ବର୍ଷା ସମୟ ମାଲ୍ୟବନ୍ତ ପର୍ବତରେ ଅବସ୍ଥାନ କରିବା କଥା ବିଚିତ୍ର ରାମାୟଣରେ ରହିଛି, ଅଥଚ ବଙ୍ଗଳା ରାମାୟଣରେ ଏହା ଉପଲବ୍ଧ ନାହିଁ। ସୁନ୍ଦରାକାଣ୍ଡରେ ଦେବରାଜ ଇନ୍ଦ୍ରଙ୍କ ପୁତ୍ର

DOI: 10.70541/BAGEESHA/2025030301

VOL NO 03 ISSUE NO 03

ସୀତାଙ୍କ ଯୌବନରେ ମୋହିତ ହୋଇ କାକ ବେଶରେ ଆସି ତାଙ୍କୁ କ୍ଷତାକ୍ତ କରିବାରୁ ରାମଚନ୍ଦ୍ର କୁଶରେ ବ୍ରହ୍ମମନ୍ତ୍ର ପ୍ରୟୋଗ କରି ନିକ୍ଷେପ କଲେ। ଇନ୍ଦ୍ରପୁତ୍ର କୋଉଠି ମଧ୍ୟ ଆଶ୍ରୟ ପାଇଲେ ନାହିଁ, ଶେଷରେ ଆସି ରାମଙ୍କ ପାଦରେ ଶରଣ ପଶିଲେ। ଏ ବୃତ୍ତାନ୍ତ ବଙ୍ଗଳା ରାମାୟଣରେ ଦେଖିବାକୁ ମିଳେ ନାହିଁ। ଉତ୍ତରା କାଣ୍ଡରେ ରାବଣ ଜନ୍ମ କଥା, ହନୁମାନ ଜନ୍ମ ପ୍ରସଙ୍ଗ, ନୃଗ ନିମି ଉପାଖ୍ୟାନ, ଯଯାତି ଉପାଖ୍ୟାନ, ଚ୍ୟବନ ଋଷିଙ୍କ ସହ ରାମଙ୍କ କଥୋପକଥନ, ଲବଣାସୁର ବଧ ତଥା ରାମଙ୍କ ଦ୍ୱାରା ବ୍ରାହ୍ମଣ ପୁତ୍ରର ଜୀବଦାନ ଆଦି ପ୍ରସଙ୍ଗ ବିଚିତ୍ର ରାମାୟଣରେ ବର୍ଣ୍ଣିତ ହୋଇଛି, ମାତ୍ର କୃତ୍ତିବାସ ରାମାୟଣରେ ଏ ପ୍ରସଙ୍ଗ ସମ୍ପୂର୍ଣ୍ଣ ତିରୋହିତ।

**ଖ) ଚରିତ୍ରଗତ ବୈସାଦୃଶ୍ୟ:** ଉଭୟ ରାମାୟଣ ମଧ୍ୟରେ ବିଷୟଗତ ପାର୍ଥକ୍ୟ ଦେଖାଯିବା ସହ ଚରିତ୍ରଗତ ଅସାମଞ୍ଜସ୍ୟ ମଧ୍ୟ ପରିଲକ୍ଷିତ ହୋଇଛି। କେତେକ ଚରିତ୍ରକୁ ଛାଡିଦେଲେ ଅନ୍ୟସବୁ ଚରିତ୍ରରେ ପରିବର୍ତ୍ତନ ଘଟି ନାହିଁ। ସେଇ ପରିବର୍ତ୍ତିତ ଚରିତ୍ର ଅଥବା ଦୁଇ ରାମାୟଣରେ ବୈଷମ୍ୟ ଚରିତ୍ରମାନଙ୍କୁ ଆଲୋଚନା କରାଯାଇପାରେ।

**ଦଶରଥ**: ମୂଳ ରାମାୟଣ ଅନୁସାରେ ଅଯୋଧ୍ୟାର ରାଜା ଦଶରଥ ଜଣେ ପ୍ରଜାବତ୍ସଳ ଓ ପୁତ୍ରବତ୍ସଳ ରାଜା ଭାବରେ ବର୍ଣ୍ଣିତ। କିନ୍ତୁ ଆଲୋଚ୍ୟ ଉଭୟ ରାମାୟଣରେ ରାଜା ଦଶରଥ ସାମାନ୍ୟ ପରିବର୍ତ୍ତନ ହୋଇଛନ୍ତି। କୃତ୍ତିବାସ ରାମାୟଣରେ ରାଜା ଦଶରଥ ଜଣେ ଶକ୍ତିଶାଳୀ ବୀର ପୁରୁଷ। ତାଙ୍କ ବୀରତ୍ୱ ଆଗରେ ଦେବତା, ଗନ୍ଧର୍ବ ଓ ରାକ୍ଷସଗଣ ଥରହର ହୋଇଛନ୍ତି। ରାଜା ସାତଶହ ପଚାଶ ରାଣୀଙ୍କୁ ବିବାହ କରିଛନ୍ତି। ତାହାର କାରଣରେ ପୁତ୍ରପ୍ରାପ୍ତି ନିମିତ୍ତ ବହୁ ରାଣୀଙ୍କୁ ବିବାହ କରିଥିବା କଥା କହିଛନ୍ତି। କାରଣ କୁଳ ରକ୍ଷା କରିବା ରାଜା ବା ଜଣେ ପିତାର ପରମ କର୍ତ୍ତବ୍ୟ। କିନ୍ତୁ ବିଶ୍ୱନାଥ ଖୁଣ୍ଟିଆଙ୍କ ଦଶରଥ ତିନିଶହ ପଚାଶ ରାଣୀଙ୍କୁ ବିବାହ କରିଛନ୍ତି, କିନ୍ତୁ ଏହାର କାରଣ ସମ୍ପର୍କରେ ସେ ନୀରବ ରହିଛନ୍ତି।[୮] ବି. ରାମାୟଣର ରାଜା ଦଶରଥ ସନ୍ତାନ ପ୍ରାପ୍ତି ହେବା କଥା ମୁନିମାନଙ୍କ ନିକଟରୁ ଶୁଣିବା ପରେ ଋଷ୍ୟଶୃଙ୍ଗଙ୍କୁ ନିମନ୍ତ୍ରଣ କରି ଯଜ୍ଞର ଆୟୋଜନ କରିଛନ୍ତି। ମାତ୍ର ବଙ୍ଗଳା ରାମାୟଣର ଦଶରଥ ପୁତ୍ର ହେବାକଥା ଶୁଣିଛନ୍ତି ଅନ୍ଧମୁନିଙ୍କ ନିକଟରୁ ଅଭିଶାପ ପାଇବା ପରେ। ଏଥିରେ ବ୍ୟତିକ୍ରମ ଘଟିଛି। ସେ ଅନ୍ଧମୁନିଙ୍କ ପୁଅକୁ ମୃଗ ଜ୍ଞାନ କରି ବଧ କରିବା ପରେ ଶାପିତ ହୋଇଛନ୍ତି ଯେ, ସେ ମଧ୍ୟ ତାଙ୍କ ପରି ପୁତ୍ର ବିରହଜନିତ ଯନ୍ତ୍ରଣାରେ ଜର୍ଜରିତ ହୋଇ ମୃତ୍ୟୁକୁ ପ୍ରାପ୍ତ ହେବେ। ଆଶ୍ଚର୍ଯ୍ୟର କଥା ଯେ ରାଜା ଦଶରଥ ଅଭିଶାପ ପାଇ ଦୁଃଖୀ ହେବା ପରିବର୍ତ୍ତେ ଅଧିକ ଆନନ୍ଦିତ ହୋଇଛନ୍ତି।[୯] ସେ ସେତେବେଳେ ଅଭିଶପ୍ତ ଜୀବନକୁ ସମ୍ପୂର୍ଣ୍ଣ ଭୁଲିଯାଇ କେବଳ ପୁତ୍ର ପ୍ରାପ୍ତି ହେବାର ଯେଉଁ ସବୁଜ ସଙ୍କେତ ପାଇଛନ୍ତି ସେଥିରେ ସେ ବିଭୋର ହୋଇଉଠିଛନ୍ତି। ବହୁ ବର୍ଷରୁ ପୁତ୍ର ସ୍ନେହରୁ ବଞ୍ଚିତ ଥିବା ଜଣେ ପିତା ପୁତ୍ର ଲାଭ କରିବାର ସୂଚନା ମିଳିବା ପରେ ତାଙ୍କ ଭିତରେ ଯେଉଁ ମଧୁର ସ୍ପନ୍ଦନ ଶିହରିତ ହୋଇଛି ତାହା କମ୍ ଆନନ୍ଦଦାୟକର କଥା ନୁହେଁ। ମାତ୍ର ଓଡିଆ ରାମାୟଣର ଦଶରଥ କୃତ୍ତିବାସଙ୍କ ଦଶରଥ ପରି ସେତିକି ପରାକ୍ରମୀ ନୁହଁନ୍ତି କିମ୍ବା ପାଠକକୁ ପ୍ରଭାବିତ କଲା ଭଳି ସେତେ ପ୍ରଭାବଶାଳୀ ଚରିତ୍ର ହୋଇପାରି ନାହାନ୍ତି ।

**ସୀତା**: ରାମାୟଣରେ ସୀତା ହେଉଛନ୍ତି ଜଣେ ଧର୍ମପରାୟଣା ପତିବ୍ରତା ନାରୀ। ତାଙ୍କର ସବୁ ଧର୍ମ, କର୍ମ ପତି ସେବାରେ ନ୍ୟସ୍ତ ହୋଇଛି। ସୁକୁଳର କନ୍ୟା ଓ ସୁକୁଳର ପୁତ୍ରବଧୂ ତଥା ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ବନିତା ରୂପେ ସର୍ବବିଦିତ। ବଙ୍ଗଳା ରାମାୟଣରେ ମାତା ସୀତା ରାମଚନ୍ଦ୍ରଙ୍କ ଜନ୍ମର ସାତବର୍ଷ ଉତ୍ତାରେ ଜନ୍ମ ହୋଇଥିବା କଥା ଉଲ୍ଲିଖିତ। ଏ ସୀତା ହେଉଛନ୍ତି ମା ଲକ୍ଷ୍ମୀଙ୍କ ପରବର୍ତ୍ତୀ ଏକ ପ୍ରରୂପ, ଯଥା –"ସାତ୍ ବତ୍ ସରେର୍ ରାମ୍ ଅୟୋଧ୍ୟା ନଗରେ / ଲକ୍ଷ୍ମୀ ହୋଥା ଜନ୍ମିଲେନ୍ ଜନକେର୍ ଘରେ।"[୧୦]

ଓଡ଼ିଆ ରାମାୟଣର ମା' ସୀତାଦେବୀ ଲକ୍ଷ୍ମୀ ନୁହଁନ୍ତି । ଦଶାନନ ରାବଣ କୁଶଧ୍ୱଜଙ୍କ କନ୍ୟା ବେଦମତୀକୁ ଧର୍ଷଣ କରିବାର ପ୍ରଚେଷ୍ଟା କରିବାରୁ, ବେଦମତୀ କ୍ରୋଧରେ ମୋ ଦ୍ୱାରା ହିଁ ତୋର ବିନାଶ ହେବ ବୋଲି ଅଭିଶାପ ଦେଇ ଆତ୍ମାହୁତି ଦେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଏଇ ବେଦମତୀ ହିଁ ସୀତା ଭାବରେ ଅଧିଷ୍ଠିତା। ଏ ରାମାୟଣର ସୀତା ରାଜକନ୍ୟା କି ରାଜବଧୂ ନୁହେଁ, ସେ ଜଣେ ସାଧାରଣ ନାରୀ ରୂପରେ ଅବତୀର୍ଣ୍ଣା। ଯେତେବେଳେ ରାମଚନ୍ଦ୍ର ସୀତାଙ୍କୁ ବିବାହ କରି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି, ମାର୍ଗରେ ପର୍ଶୁରାମଙ୍କ ସହ ଦେଖାହୋଇଛି। ପର୍ଶୁରାମ ରାମଚନ୍ଦ୍ରଙ୍କୁ ବୈଷ୍ଣବ ଧନୁ ଭଙ୍ଗ କରିବା ଲାଗି ବଢାଇ ଦେଇଛନ୍ତି। ସୀତାଙ୍କ ମନରେ ସନ୍ଦେହ ଉତ୍ପନ୍ନ ହୋଇଛି ଯେ, ଏବେ ରାମଚନ୍ଦ୍ର ପୁଣିଥରେ ଧନୁଭାଙ୍ଗି ଆଉ ଏକ ନବତରୁଣୀଙ୍କୁ ବିବାହ କରିବେ କି? ଏହା ମନେକରି ସେ ଶୋକାଛନ୍ନ ହୋଇପଡିଛନ୍ତି।[୧୧] ଏପରି ଭାବନା ମନ ଭିତରେ ସଂଜାତ ହେବା କେବଳ ଜଣେ ସାଧାରଣ ନାରୀ ନିକଟରେ ହିଁ ଦେଖିବାକୁ ମିଳେ ।

**ରାମଚନ୍ଦ୍ର**: ସାରା ଭାରତ ବର୍ଷ କାହିଁକି ସାରା ବିଶ୍ୱରେ ରାମଚନ୍ଦ୍ର ହେଉଛନ୍ତି ଜଣେ ମର୍ଯ୍ୟାଦା ପୁରୁଷୋତ୍ତମ। ପ୍ରଚଣ୍ଡ ପିତୃଭକ୍ତ, ପିତାଙ୍କ ପ୍ରତି ଥିବା ସମ୍ମାନର ପଟାନ୍ତର ନାହିଁ। ପିତାଙ୍କ ବଚନକୁ ରକ୍ଷାକରିବା ନିମନ୍ତେ ବନବାସ ଭଳି କଠୋର ବାସ୍ତବତାକୁ ଆପଣାଇ ନେଇଛନ୍ତି, ଯେଉଁଠି ମଣିଷର ଅସଲ ସଂଘର୍ଷ ନିହିତ ହୋଇରହିଛି। ବିଚିତ୍ର ରାମାୟଣର ରାମଚନ୍ଦ୍ର ଯେତିକି ପିତୃଭକ୍ତ ଓ ପ୍ରଜାନୁରକ୍ତ, ସେତିକି ଧର୍ମପତ୍ନୀ ସୀତାଙ୍କ ପ୍ରତି ସ୍ନେହାନୁରାଗରେ ମଣ୍ଡିତ। ଯେତେବେଳେ ଲଙ୍କାପତି ରାବଣ ସୀତାଙ୍କୁ ଅପହରଣ କରି ନେଇଯାଇଛନ୍ତି, ସେତେବେଳେ ରାମଚନ୍ଦ୍ର ପ୍ରାଣପ୍ରିୟା ପତ୍ନୀଙ୍କୁ ହରାଇବା ପରେ ଅନୁକ୍ଷଣ ଶୋକସନ୍ତପ୍ତ ହୋଇ ବାହୁନିଛନ୍ତି। କିଷ୍କିନ୍ଧ୍ୟା କାଣ୍ଡରେ ବର୍ଷା କାଳରେ ମାଲ୍ୟବନ୍ତ ପର୍ବତରେ ଅବସ୍ଥାନ କରୁଥିବା ସମୟରେ ସେଇ ଗିରିକୁ ସୀତା ପ୍ରାୟ ମଣି ବାହୁନିବାରେ ଲାଗିଛନ୍ତି।[୧୨] ଶ୍ରୀରାମଚନ୍ଦ୍ରଙ୍କ ବିରହଜନିତ ଯନ୍ତ୍ରଣା ଓ ମନେପକାଇ ଝୁରିହେବା ବର୍ଣ୍ଣନା କୃତ୍ତିବାସଙ୍କ ରାମାୟଣରେ ଦେଖାଯାଏ ନାହିଁ।

DOI: 10.70541/BAGEESHA/2025030301
VOL NO 03 ISSUE NO 03

**ରାବଣ**: ବିଚିତ୍ର ରାମାୟଣରେ ଏ ଚରିତ୍ର ଅତ୍ୟାଚାରୀ, ଦୂରାଚାରୀ ରୂପେ ପ୍ରତିଷ୍ଠିତ। ଦଶାନନ ରାବଣ ଏଥିରେ କାମ ଲୋଲୁପତାର ପ୍ରତୀକ ରୂପେ ବର୍ଣ୍ଣିତ। ଏ ରାବଣ ହେଉଛନ୍ତି ରୀତିଯୁଗୀୟ ଜଣେ ନୈଷ୍ଠିକ ମୁସଲମାନ ଶାସକ। ଯିଏ କ୍ଷମତାନ୍ଧ ହୋଇ ରାଜ୍ୟ ପରେ ରାଜ୍ୟ ଜୟ କରି ତିନିଲୋକ ଅଧିକାର କରିଛନ୍ତି। ଏବଂ ସବୁଲୋକକୁ ଅକ୍ତିଆର କରିବା ପରେ ସମସ୍ତଙ୍କୁ ଗଭୀର ଅତ୍ୟାଚାର ଓ ପୀଡା ଦେଇଛନ୍ତି। ସେ ସମୟର ଶାସକଗଣ ସୁନ୍ଦରୀ ସ୍ତ୍ରୀ ଦେଖିଲା ମାତ୍ରକେ ଉପଭୋଗ କରିବାର ଯେଉଁ ଦୁର୍ବାର ଲାଳସା ଜାତ ହୁଏ, ତାହା ରାବଣ ନିକଟରେ ବିଦ୍ୟମାନ। ତପସ୍ୟା କରି ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ପୃଥିବୀ ବାସୀଙ୍କୁ ଥରହର କରିପକାଇବା ପରେ ସ୍ୱର୍ଗର ଅପସରା, ସୁନ୍ଦରୀ ସ୍ତ୍ରୀମାନଙ୍କୁ ଲଙ୍କାକୁ ନେଇଆସି ରକ୍ଷିତା କରିରଖିଛନ୍ତି। କୁଶଧ୍ୱଜ ରାଜାଙ୍କ କନ୍ୟା, ବେଦମତୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ଧର୍ଷଣ କରିବାର ପ୍ରୟାସ କରିଛି। ସେ କନ୍ୟା ତାଙ୍କୁ ଶାପଦେଇ ଅଗ୍ନିରେ ଆତ୍ମାହୁତି ଦେଇଛନ୍ତି।[୧୩] ବେଦମତୀ ପ୍ରସଙ୍ଗ ଅଥବା ସୁନ୍ଦରୀ ସ୍ତ୍ରୀମାନଙ୍କ ଗହଣରେ ରହିବା କଥା କୃତ୍ତିବାସ ରାମାୟଣରେ ଉପଲବ୍ଧ ନାହିଁ।

ଏହିପରି ଅଳ୍ପ କିଛି ଚରିତ୍ର ଉଭୟ ବଙ୍ଗଳା ଓ ଓଡ଼ିଆ ରାମାୟଣରେ ଭିନ୍ନ ଭାବରେ ଅବତୀର୍ଣ୍ଣ। ଏହାର କାରଣ ଏହା ହୋଇପାରେ ଯେ, ଗୋଟିଏ ସୃଷ୍ଟି ତାହାର କାଳଖଣ୍ଡକୁ ବହନ କରିବାର କ୍ଷମତା ରଖେ ଏହା ସାର୍ବକାଳିକ ସତ୍ୟ। ଏଣୁ ଯୁଗୀୟ ବୈଶିଷ୍ଟ୍ୟ ଅନୁସାରେ ସ୍ଥାନ, କାଳ ଓ ପାତ୍ର ସୃଷ୍ଟି ମଧ୍ୟରେ ପରିବର୍ତ୍ତିତ ହେବା ସ୍ୱାଭାବିକ।

**୩) ପ୍ରଭାବ:** ପ୍ରତ୍ୟେକ ସୃଷ୍ଟି ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ହେଉ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବରୁ ମୁକ୍ତ ହୋଇପାରେ ନାହିଁ। ବାହ୍ୟ ପ୍ରଭାବ ବିନା ସ୍ରଷ୍ଟା ସୃଷ୍ଟି କରିବା ଅସମ୍ଭବ। ଏ ପ୍ରଭାବ ପରିବେଶଗତ, ସଂସ୍କୃତିଗତ, ସାହିତ୍ୟର ଶୈଳୀଗତ ତଥା ଉପାଦାନଗତ ହୋଇପାରେ। ଏଇ ପ୍ରଭାବ ହିଁ ସାହିତ୍ୟ ସର୍ଜନା କରିବାକୁ ଲେଖକଙ୍କୁ ପ୍ରେରିତ କରେ।

**କ)ସଂସ୍କୃତିଗତ ପ୍ରଭାବ:** କବି ବା ଲେଖକଟିଏ ସବୁବେଳେ ଆପଣା ସୃଷ୍ଟି ଭିତରେ ନିଜ ଅଞ୍ଚଳର ପ୍ରଚଳିତ ସଂସ୍କୃତି ଓ ସାଂସ୍କୃତିକ ପରମ୍ପରାକୁ ସନ୍ନିବେଶ କରିବାକୁ ଚେଷ୍ଟା କରେ। ଯେତେବେଳେ ସେ ସୁଯୋଗ ପାଏ ତାକୁ କଳାତ୍ମକ ରୂପ ଦେଇ ବ୍ୟଞ୍ଜିତ କରେ। ଆଲୋଚ୍ୟ ଉଭୟ ରାମାୟଣରେ ନିଜ ନିଜ ଅଞ୍ଚଳର ସଂସ୍କୃତି ସଫଳ ଭାବରେ ପ୍ରକାଶ ପାଇଛି। ମାତ୍ର ବିଶ୍ୱନାଥ ଖୁଣ୍ଟିଆ ଯେଉଁଭଳି ଭାବେ ବିଚିତ୍ର ରାମାୟଣରେ ଓଡିଶୀ ସଂସ୍କୃତିକୁ ଖଞ୍ଜିଦେଇଛନ୍ତି, ସେପରି କୃତ୍ତିବାସ ତାଙ୍କ ରାମାୟଣରେ ଦେଇପାରି ନାହାନ୍ତି। ବଙ୍ଗଳା ରାମାୟଣରେ ଚାରିଭାଇଙ୍କ ଜନ୍ମର ଛଅମାସ ହେଲାବେଳକୁ ଅନ୍ନପ୍ରାଶନ କରିଛନ୍ତି ଏବଂ ସେଇ ସମୟରେ ଋଷି ବଶିଷ୍ଠ ଚାରିଭାଇଙ୍କ ନାମକରଣ କରିଛନ୍ତି। ଚାରିଭାଇଙ୍କ ନାମକରଣ ବିଚିତ୍ର ରାମାୟଣରେ ଅନ୍ନପ୍ରାଶନ ସମୟରେ ହୋଇନାହିଁ। ଏଥିରେ ଜନ୍ମ ହେବାର ପାଞ୍ଚ ଦିନରେ ପଞ୍ଚୁଆତି, ଛଅ ଦିନରେ ଷଠୀଦେବୀଙ୍କ ପୂଜା, ଏକୋଇଶ ଦିନରେ ଏକୋଇଶା ପାଳନ କରିଛନ୍ତି। ଏବଂ ସେହି ଏକୋଇଶା ଦିନ ହିଁ ରାଜା ଦଶରଥ ପୁତ୍ରମାନଙ୍କ ନାମ ଦେଇଛନ୍ତି। "ପଞ୍ଚୁଆତି ଷଷ୍ଠୀଘର ଉତ୍ସବ କଲା/ ଏକବିଂଶ ଦିବସ ପ୍ରବେଶ ହୋଇଲା। ବଶିଷ୍ଠ ଆଦି ସକଳ ବ୍ରାହ୍ମଣଗଣ/ ଦଶରଥ କରାଇଲେ ନାମକରଣ। "(ବି. ରାମାୟଣ, ପୃ -୧୮)

ଭାରତୀୟ ଷୋଡ଼ଶ ସଂସ୍କାର ଅନୁସାରୀ ସାଧାରଣତଃ ଶିଶୁ ଜନ୍ମର ଏକୋଇଶା ଦିନରେ ତାର ନାମକରଣ ସଂସ୍କାର ସମ୍ପନ୍ନ ହୋଇଥାଏ; ମାତ୍ର କୃତ୍ତିବାସ ରାମାୟଣରେ ତାହା ଅନ୍ନପ୍ରାଶନ ସମୟରେ ସମ୍ପାଦିତ ହୋଇଛି। ଏଥିରୁ ଜଣାପଡ଼େ ସମ୍ଭବତଃ ପଞ୍ଚଦଶ ଶତାବ୍ଦୀ ବେଳକୁ ବଙ୍ଗଳାରେ ଶିଶୁ ନାମକରଣ ଅନ୍ନପ୍ରାଶନ ବେଳେ ହେଉଥିବ, ଯାହା କବିଙ୍କ ଲେଖନୀରେ ପ୍ରକାଶ ପାଇଛି। ଅବଶ୍ୟ ବର୍ତ୍ତମାନ ବଙ୍ଗଳାରେ ଏକୋଇଶା ବେଳେ ନାମକରଣ ସଂସ୍କାର କରାଯାଉଛି। ଶିଶୁ ଜନ୍ମ ହେବାର ପାଞ୍ଚ ଦିନରେ ପଞ୍ଚୁଆତି, ଛଅ ଦିନରେ ଷଠୀପୂଜା, ନଅ ଦିନରେ ନଳତା, ଏକୋଇଶରେ ଏକୋଇଶା ଛଅ ମାସରେ ଅନ୍ନପ୍ରାଶନ ଆଦି ସଂସ୍କାର ଓଡ଼ିଶାରେ ପାଳିତ ହେଉଥିବା ଲକ୍ଷ୍ୟ କରାଯାଏ, ଯାହା ବିଶ୍ୱନାଥଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଛି । ଭାରତୀୟ ତଥା ଓଡିଶୀ ପରମ୍ପରାରେ ଏକୋଇଶା, ନାମକରଣ ପରି ବିବାହ ମଧ୍ୟ ଏକ ସଂସ୍କାର। ଏଇ ସଂସ୍କାର ଆଧାରରେ ବିବାହ ପୂର୍ବରୁ ଏବଂ ପରେ ବିଭିନ୍ନ ପ୍ରକାରର ମାଙ୍ଗଳିକ କାର୍ଯ୍ୟ ସବୁ ସଂପନ୍ନ ହୋଇଥାଏ। ବଙ୍ଗଳାରେ ଏହାକୁ ଅଧିବାସ ବୋଲି କୁହାଯାଏ।[୧୪] ବିଚିତ୍ର ରାମାୟଣରେ ରାମସୀତାଦିଙ୍କ ଯେଉଁ ବିବାହ କାର୍ଯ୍ୟ ସଂପନ୍ନ ହୋଇଛି, ତାହା ଓଡ଼ିଶାର ପୁରପଲ୍ଲୀର ବହୁ ଜନସମାଗମରେ ବିଧିବଦ୍ଧ ଭାବେ ପାଳିତ ହେଉଥିବା ପ୍ରଚଳିତ ଏକ ପାରମ୍ପାରିକ ଉତ୍ସବ। ଯେଉଁଠି ସମଗ୍ର ମାନବ ସମାଜ ଗୋଟିଏ ସ୍ଥାନରେ ଏକୀଭୂତ ହୋଇ ସଖ୍ୟ ବନ୍ଧନକୁ ଦୃଢ କରନ୍ତି। ଗାଁ ଭୂଇଁରେ ବିଭାଘର ପାଇଁ ତୋରଣ ବନ୍ଧା, ଦ୍ୱାରମାନଙ୍କରେ ପୂର୍ଣ୍ଣକୁମ୍ଭ ଓ କଦଳୀ ବୃକ୍ଷ ସ୍ଥାପନ, ବାଦ୍ୟନାଦ, ମଙ୍ଗଳ ଗୀତ, ଫୁଲ ଓ ଆମ୍ବ ଡାଳ ଦ୍ୱାରା ସଜ୍ଜୀକରଣ, ମଙ୍ଗଳ ବାଜଣା, ହୁଳହୁଳି, ବନ୍ଦାପନା ଆଦି କରାଯାଏ। ଏ ସବୁ ବିଧିବିଧାନ ପ୍ରଥାବଦ୍ଧ ଅନୁସାରୀ ହୋଇଆସୁଥିବା ବିବାହ ପରମ୍ପରାରେ ସମ୍ପନ୍ନ ହୋଇଥାଏ। ଏପରି ଉତ୍ସବ ରାମସୀତାଦିଙ୍କ ବିବାହରେ ସଂପାଦିତ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ପ୍ରତ୍ୟେକ ଓଡିଶୀ ତଥା ଭାରତୀୟଙ୍କ ମନ ଭିତରେ ଗୋଟିଏ ଲୋକ ମାନସିକତା ତିଆରି ହୋଇରହିଛି। ଏମାନେ ଯେକୌଣସି ଦୃଶ୍ୟ କିମ୍ବା ପ୍ରାଣୀ ବା ଜୀବଜନ୍ତୁଙ୍କୁ ଦେଖିଲେ ତାଙ୍କ ଅନ୍ତର୍ମନରେ ଶୁଭାଶୁଭର ଲୋକବିଶ୍ୱାସଟିଏ ଜନ୍ମ ନିଏ। ବିରାଡ଼ି, ବିଲୁଆ, ପେଚା, ଝଗଡ଼ା ଲାଗିବାର ଆଦି ଦୃଶ୍ୟକୁ ଅମଙ୍ଗଳ ସୂଚକ ଭାବରେ ଗ୍ରହଣ କରୁଥିବା ବେଳେ ସେପରି ଶଙ୍ଖଚିଲ, ଶବ, ଉଡୁଥିବା ଭଦଳଭଦଳିଆ ପକ୍ଷୀ, ଖାଦ୍ୟ ଗ୍ରହଣମଗ୍ନା ଗାଈ ଆମର ଦୃଷ୍ଟିଗୋଚର ହେଲେ ମଙ୍ଗଳ ବା ଶୁଭ ସମୟ ବୋଲି ସୂଚିତ କରେ। ବିଚିତ୍ର ରାମାୟଣରେ ଚରିତ୍ରମାନଙ୍କ ଭିତରେ ଏଇ ଲୋକ ବିଶ୍ୱାସ ସଫଳ ରୂପେ

DOI: 10.70541/BAGEESHA/2025030301
VOL NO 03 ISSUE NO 03

ପ୍ରକଟିତ। ରାମଚନ୍ଦ୍ର ବଣକୁ ଚାଲିଯିବା ପରେ ରାଜା ଦଶରଥ ପୁତ୍ରକୁ ଝୁରିଝୁରି ପ୍ରାଣତ୍ୟାଗ କଲେ। ଭରତଙ୍କୁ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିବାର ସନ୍ଦେଶ ନେଇ ଦୂତ ପହଞ୍ଚିବା ପୂର୍ବରୁ ସ୍ୱପ୍ନରେ ଅମଙ୍ଗଳ ଦୃଶ୍ୟମାନ ଦେଖିଛନ୍ତି। ଯେତେବେଳେ ଦୂତ ପହଞ୍ଚିଛି ସେ ତୁରନ୍ତ ଚାଲିଆସିଛନ୍ତି। ଆସିବା ମାର୍ଗରେ ମଧ୍ୟ ଅଶୁଭ ସଙ୍କେତମାନ ଅବଲୋକିତ ହୋଇଛି। ମନ ଭିତରେ ଭୟ ଜାତହୋଇଛି। କାଳେ ମୋ ଅନୁପସ୍ଥିତରେ କିଛି ଅଘଟଣ ଘଟିନାହିଁ ତ? ଆଉ ଯେତେବେଳେ ସେ ଅଯୋଧ୍ୟାରେ ପହଞ୍ଚିଛନ୍ତି ତାଙ୍କ ଭାବନା ସତ ପ୍ରମାଣିତ ହୋଇଛି। ଏସବୁ ଦୃଶ୍ୟ ଦେଖିବା ପରେ ଭରତଙ୍କ ମନ ଭିତରେ ଯେଉଁ ବିଶ୍ୱାସଟି ଜନ୍ମ ନେଇଛି, ତାହା ଆଦୌ ଜଣେ ରାଜପୁତ୍ରର ମାନସିକତା ନୁହେଁ, ତାହା ପଲ୍ଲୀରେ ସାଧାରଣ ଜୀବନଯାପନ କରୁଥିବା ସାଧାରଣ ମଣିଷର ମାନସିକତା, ଯଥା – "ସେହିଦିନ ନିଶି ଭ୍ରତେ ସପନ ଦିଶି / ଅମଙ୍ଗଳ ଜାଣି ମନଶୁଖାଇ ବସି । ଏମନ୍ତ ଦୂତ ଦେଲେ ଲେଖା ତ୍ୱରିତେ/ ବେଗେ ଆସ କୁଶଳ ସର୍ବ ପୁରୋହିତେ।"(ବି.ରାମାୟଣ, ପୃ – ୫୦)

ସେହିପରି କୁମ୍ଭକର୍ଣ୍ଣ ଯୁଦ୍ଧକୁ ଯିବା ସମୟରେ ଯେଉଁ ସବୁ ଦୃଶ୍ୟ ଦେଖାଦେଇଛି ତାହା ଅଶୁଭ ଲକ୍ଷଣର ସଂକେତ– "ଉତପାମାତନ ଜାତ ଅଦଭୂତେ ହେଲା/ ଆକାଶରୁ ସନ୍ତତ ରୁଧିର ବରଷିଲା। /ପୃଷ୍ଠରେ ଶୃଗାଳ ଧାଇଁ କରୁଛନ୍ତି ରଡି/ ଶିରୋପରେ ଗୃଧ୍ରପକ୍ଷୀ ମାଂସଘେନି ଉଡି।"(ବି.ରାମାୟଣ,ପୃ– ୧୫୪)

ଖ) ସମାଜଗତ ପ୍ରଭାବ: ଗୋଟିଏ ସୃଷ୍ଟି ସବୁବେଳେ ଉକ୍ତ କାଳଖଣ୍ଡର ସାମାଜିକ ଓ ରାଜନୈତିକ ଜୀବନକୁ ଧାରଣ କରିବାର କ୍ଷମତା ରଖେ। ଯାହା ଫଳରେ ଉକ୍ତ ସୃଷ୍ଟିକୁ ପଠନ କରିବା ଦ୍ୱାରା ବିଷୟଗତ ଜ୍ଞାନ ଆହରଣ କରିବା ସହିତ ତତ୍କାଳୀନ ସମୟର ସାମାଜିକ ଓ ସାଂସ୍କୃତିକ ଜୀବନ ସଂପର୍କରେ ମଧ୍ୟ ଜାଣିହେବ। କୃତ୍ତିବାସଙ୍କ ରାମାୟଣରେ ସାମାଜିକ ପ୍ରଭାବ ପୂର୍ଣ୍ଣ ମାତ୍ରାରେ ଲକ୍ଷ୍ୟ କରାଯାଏ ନାହିଁ, ଯେତିକି ବିଚିତ୍ର ରାମାୟଣରେ କରାଯାଏ।

ବିଶ୍ୱନାଥ ଖୁଣ୍ଟିଆଙ୍କ ସମୟ କାଳ ହେଉଛି ମୁସଲମାନମାନଙ୍କ ଶାସନର ସମୟ, ଯାହା ଓଡ଼ିଶା ପାଇଁ ଅନ୍ଧକାରର ସମୟ। ସେହି ସମୟ ଖଣ୍ଡରେ ଓଡ଼ିଶାର ସାମାଜିକ ଜୀବନ ଶୈଳୀ ସମ୍ପୂର୍ଣ୍ଣ ମୁସଲିମମାନଙ୍କ ପରି ଥିଲା। ଓଡ଼ିଶାର ଶାସକଗଣ ବି ବାଦଶାହଙ୍କ ଭଳି ଜୀବନ ବଂଚିବାକୁ ଚାହୁଁଥିଲେ ; ମାତ୍ର ସେପରି ଜୀବନ ଜୀଇଁପାରୁ ନଥିଲେ କାରଣ ସବୁ କ୍ଷମତାର ଅଧିକାରୀ ଥିଲେ ମୁସଲମାନ ଶାସକଗଣ। ଏ ସମୟଖଣ୍ଡ ଥିଲା ବିଳାସ ବ୍ୟସନ, ଶୃଙ୍ଗାରର ସମୟ ଏଣୁ ସାହିତ୍ୟ ମଧ୍ୟ ଶୃଙ୍ଗାର ସାହିତ୍ୟରେ ପରିଣତ ହୋଇଥିଲା। କବି ବିଶ୍ୱନାଥ ଖୁଣ୍ଟିଆ ଯେଉଁ ରାବଣ ଚରିତ୍ରର ଉପସ୍ଥାପନା ଏଠାରେ କରିଛନ୍ତି, ସେ ଦଶାନନ ରାବଣ ହେଉଛନ୍ତି ସେଇ କାଳର ନିର୍ମମ, ପ୍ରଜାପୀଡକ, ଦୁରାଚାରୀ ମୁସଲିମ୍ ଶାସକର ପ୍ରତୀକ। ଯେ ପ୍ରଜାମାନଙ୍କୁ ଅର୍ଥାତ୍ ପୃଥିବୀବାସୀଙ୍କୁ ଅକଥନୀୟ ଯନ୍ତ୍ରଣା ଦେଇଛନ୍ତି। ଆହୁରି ଶୟନ ବେଳେ ବହୁ ନାରୀ ଗହଣରେ ରତିମଗ୍ନା ରହିଛନ୍ତି ଯେଉଁଭଳି ମୁସଲମାନ ଶାସକମାନେ ନିଜର ଅଦମ୍ୟ ଲାଳସାକୁ ଚରିତାର୍ଥ କରିବାକୁ ଯାଇ ଅସଂଖ୍ୟ ନାରୀ ଜୀବନକୁ ତଳିତଳାନ୍ତ କରିପକାଇଛନ୍ତି। ଏମାନଙ୍କ ପାଇଁ ନାରୀ ସମ୍ମାନର ପାତ୍ର ନୁହେଁ ନାରୀ ଉପଭୋଗର ସାମଗ୍ରୀ। ସିନ୍ଦୁରା କାଣ୍ଡରେ ହନୁମାନ ଯେତେବେଳେ ଲଙ୍କାରେ ସୀତାଙ୍କ ଅନ୍ୱେଷଣ କରିଛନ୍ତି, ସେତିକିବେଳେ ବହୁ ନାରୀ ପରିବେଷ୍ଟିତ ବିବସନାଯୁକ୍ତ ଶୟନରତ ରାବଣକୁ ଦେଖିଛନ୍ତି– "ଅନେକ ନାରୀ କରିଣ ସୁରତ/ ପଡିଅଛଇ ହୋଇ ଅଶକତ।/ବିବିଧ ମଦିରା ପାନେ ଯେ/ କେହି କେହି ନାରୀ ଦିବ୍ୟ ସୁକୁମାରୀ ଶୋଇଛନ୍ତି ବିବସନେ। XXX ମଧ୍ୟରେ ଶୋଇଅଛି ଦଶଶିର/ କରୀକର ପ୍ରାୟକ ବିଂଶକର।/ ବେଢି ଶୋଇଛନ୍ତି ସକଳ ବାଳୀ/ କଜ୍ଜ୍ୱଳ ମେଘେ ବେଢିକି ବିଜୁଳି ଯେ ।" ( ବି. ରାମାୟଣ, ପୃ- ୧୦୧)

ଉତ୍ତରା କାଣ୍ଡରେ ନର୍ମଦା ନଦୀ ମଧ୍ୟରେ ବହୁ ବିବସନାଯୁକ୍ତା ଯୁବତୀ ସମେତ ସହସ୍ରାର୍ଜୁନ ସ୍ନାନ କରିବା ଘଟଣା ରୀତିଯୁଗୀୟ ଶାସକଙ୍କ ଜଳ ବିହାରକୁ ବୁଝାଏ। ସେହିପରି ରାବଣ ଓ ଦଶରଥ ବହୁ ରାଣୀ ବିବାହ କରିବା କଥା ମଧ୍ୟ ଏ କାଳଖଣ୍ଡର ଶାସକମାନେ ବିବାହ କରୁଥିବା ପରମ୍ପରାକୁ ବୁଝାଏ। ବାଲ୍ମୀକି ରାମାୟଣରେ ଦଶରଥ ବହୁ ବିବାହ କରିବା କଥା ନାହିଁ ; ମାତ୍ର କୃତ୍ତିବାସ ରାମାୟଣ ଏବଂ ବିଚିତ୍ର ରାମାୟଣରେ ଏ ପ୍ରସଙ୍ଗ ରହିଛି। ଏହା ବ୍ୟତୀତ ରୀତି ସମୟରେ ଯେଉଁପରି ଭାବରେ ଖାଦ୍ୟପେୟ, ପୋଷାକପତ୍ରର ବ୍ୟବହାର, ବିଳାସ ବ୍ୟସନରେ ମଜ୍ଜି ରହିବା ଘଟଣା ବିଚିତ୍ର ରାମାୟଣରେ ସଫଳ ଭାବରେ ଉତ୍କୀର୍ଣ୍ଣ ହୋଇଛି ।

ଗ) ସାହିତ୍ୟିକ ଶୈଳୀଗତ ପ୍ରଭାବ: ବିଶ୍ୱନାଥ ଖୁଣ୍ଟିଆଙ୍କ ରାମାୟଣରେ ପୂର୍ବସୁରୀ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର ଭଳି ପ୍ରମୁଖ ଉଦୀୟମାନ ସ୍ରଷ୍ଟାଙ୍କ ସୃଷ୍ଟିର ଶୈଳୀ କିଛି କିଛି ପ୍ରଭାବ ପରିଲକ୍ଷିତ ହୁଏ। ରଚନା କରିବା ବେଳେ ଋଷ୍ୟଶୃଙ୍ଗଙ୍କୁ ବେଶ୍ୟାମାନେ ଆଣିବା ପ୍ରସଙ୍ଗ, ହନୁମାନ ସୀତାଙ୍କୁ ଲଙ୍କାରେ ଖୋଜିବା ସମୟରେ ଲଙ୍କାଗଡ଼ର ଯେଉଁ ବର୍ଣ୍ଣନା ଅଥବା ରାମଚନ୍ଦ୍ର ମାଲ୍ୟବନ୍ତ ପର୍ବତରେ ଅବସ୍ଥାନ କାଳରେ ସୀତାଙ୍କୁ ମନେପକାଇ ବାହୁନିବାର ବର୍ଣ୍ଣନା ପୂର୍ବସୂରୀଙ୍କ ବର୍ଣ୍ଣନା ଶୈଳୀ ସହ ସାମ୍ୟ ରକ୍ଷା କରେ। କବିଙ୍କ ଉପମା ବୈଚିତ୍ର୍ୟ, ରସ ଓ ଅଳଙ୍କାରର ପ୍ରୟୋଗ ଯୁଗୀୟ ବୈଶିଷ୍ଟ୍ୟକୁ ଧାରଣ କରେ ।

ଉପସଂହାର: ଉଭୟ ବଙ୍ଗଳା ରାମାୟଣ ଓ ଓଡ଼ିଆ ରାମାୟଣର ସ୍ରଷ୍ଟା ମୂଳ ରାମାୟଣର ଛାଞ୍ଚରେ ନିଜସ୍ୱ ମୌଳିକତାର ପୁଟଦେଇ କୃତିକୁ ନୂତନ ଭାବରେ ଜୀବନ୍ୟାସ ଦେଇଛନ୍ତି। ମୂଳ ରାମାୟଣକୁ ଦୃଷ୍ଟିରେ ରଖି ବିଚାର କଲେ ବିଚିତ୍ର ରାମାୟଣ ଅପେକ୍ଷା କୃତ୍ତିବାସଙ୍କ ରାମାୟଣ ମୂଳ ରାମାୟଣର ଅଧିକ ନିକଟତର। କିନ୍ତୁ ବିଚିତ୍ର ରାମାୟଣ ମୂଳ ରାମାୟଣ ଏବଂ ଜଗମୋହନ ରାମାୟଣ ଠାରୁ ଟିକିଏ ଭିନ୍ନ ଭାବେ ଉପସ୍ଥାପିତ। ସଂପୂର୍ଣ୍ଣ ଭାବରେ କାହାକୁ ଅନୁସରଣ କରିନାହାନ୍ତି ବରଂ ଅନୁସୃଜନରେ ନିଜର ମୌଳିକତାକୁ ପ୍ରସ୍ଫୁଟିତ କରିଛନ୍ତି। ଯଦି

DOI: 10.70541/BAGEESHA/2025030301

VOL NO 03 ISSUE NO 03

ସମୟ ଖଣ୍ଡ ଦୃଷ୍ଟିରୁ ଉଭୟ ରାମାୟଣକୁ ବିଚାର କରାଯାଏ, ତେବେ କାଳଖଣ୍ଡକୁ ବହନ କରିବାରେ ବିଚିତ୍ର ରାମାୟଣ ଅଧିକ ଦାବିରଖେ। ପ୍ରକାରାନ୍ତରେ କହିବାକୁ ଗଲେ କୃତ୍ତିବାସ ରାମାୟଣ ଅପେକ୍ଷା ବିଚିତ୍ର ରାମାୟଣ ଅଧକ ଜନାଦୃତ ଓ ସମୟ ସାପେକ୍ଷ। ଯେହେତୁ ଉଭୟ ସୃଷ୍ଟିର ସମୟ ଭିନ୍ନ ଭିନ୍ନ, ତେଣୁ ସେଇ ସମୟ ଅନୁସାରୀ ସାହିତ୍ୟ, ସମାଜ ଓ ସଂସ୍କୃତିଗତ ଦୃଷ୍ଟିକୋଣ ମଧ୍ୟ ଅଲଗା ଅଲଗା। ବର୍ତ୍ତମାନ ଆମ ସମ୍ମୁଖରେ ଏ ରାମାୟଣ ଏକ କାବ୍ୟ ନୁହେଁ, ରାମାୟଣ ଏକ ଚେତନା ରୂପେ ଦଣ୍ଡାୟମାନ। ସମୟ ଅନୁସାରେ ତାର ବିଷୟଗତ ଏବଂ ରୂପଗତ ପରିବର୍ତ୍ତନ ହେଲେ ହେଁ, ରାମାୟଣର ଯେଉଁ ମୂଲ୍ୟବୋଧ, ତାହାର ଯେଉଁ ମାନବିକ ଦୃଷ୍ଟିକୋଣ ଓ ଦର୍ଶନ ତାହା ଯୁଗଯୁଗ ଧରି ନିରବଛିନ୍ନ ଭାବରେ ଖ୍ୟାତି ଅବ୍ୟାହତ ହୋଇରହିବ। ଯୁଗରୁ ଯୁଗାନ୍ତରକୁ, କାଳରୁ ଅନନ୍ତ କାଳ ପର୍ଯ୍ୟନ୍ତ ରାମାୟଣ ତା'ର ମହିମା ପ୍ରଚାର କରିଚାଲିଥିବ ।

## ପ୍ରାନ୍ତଟୀକା:

୧) ସାହୁ, କେଶବ ଚନ୍ଦ୍ର। ୧୯୭୯। ରାମାୟଣ ଚେତନାର ଏକ ଝଲକ। ୨ୟ ମୁଦ୍ରଣ। କଟକ: ନବ ଜୀବନ ପ୍ରେସ୍। ପୃ – ୧୨୯।

୨) ଗାଁଣ, ଅନାଦି ଚରଣ। ୨୦୧୭। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ। ତୃତୀୟ ସଂସ୍କରଣ। କଟକ: ବିଦ୍ୟାପୁରୀ, ବାଲୁବଜାର। ପୃ – ୧୯୦।

୩) ଦାଶ, ସୂର୍ଯ୍ୟନାରାୟଣ। ୨୦୨୧। ଓଡ଼ିଆ ସାହିତ୍ୟର ଇତିହାସ ( ୩ୟ ଭାଗ )। ୫ମ ସଂସ୍କରଣ। କଟକ: ଗ୍ରନ୍ଥ ମନ୍ଦିର ବିନୋଦ ବିହାରୀ। ପୃ – ୨୨୦।

୪) ସେନ, ଦିନେଶ ଚନ୍ଦ୍ର। ୧୯୫୪। ହିଷ୍ଟ୍ରି ଅଫ୍ ବେଙ୍ଗଲୀ ଲାଙ୍ଗୁଏଜ୍ ଏଣ୍ଡ ଲିଟରେଚର୍। ଦ୍ୱିତୀୟ ସଂସ୍କରଣ। କୋଲକାତା: ୟୁନିଭରସିଟି ପ୍ରେସ୍ । ପୃ – ୧୬୪।

୫) ଖୁଣ୍ଟିଆ, ବିଶ୍ୱନାଥ। ୧୯୩୧। ବିଚିତ୍ର ରାମାୟଣ।। ପ୍ରଥମ ପ୍ରକାଶ କଟକ: ଓଡିଶା କୋହିନୂର ପ୍ରେସ୍, ଚୌଧୁରୀ ବଜାର। ପୃ – ୧୬।

୬) କ) " ଆଁ କରି ଧାରିୟା ଯଦି ଧନୁଖାନ୍ ଟାନେ/ ତୁଲିତେ ନା ପାରେ ଚାୟ୍ ଚାରି ଦିକ୍ ପାନେ ।

ପଲାଇୟା ଚଲେ ତବେ ଲଙ୍କା ଅଧିକାରୀ/ ସକଲ୍ ବାଲକ୍ ତାରେ ଦେଇ ଟିଟିକାରୀ। " ( ପୃ- ୧୬)

ଖ) "ରାବଣ ସହସ୍ରାର୍ଜୁନ ବାଣାସୁର ଆଉ ବୀରଛନ୍ତି ଯେତେ/ ଧନୁ ନଭାଙ୍ଗି କନ୍ୟାକୁ ନେବ ବୋଲି ବିଚାରୁ ଅଛ କି ଚିତ୍ତେ। (ବି) ରାମାୟଣ, ପୃ – ୨୫ )

୭ ) ଖୁଣ୍ଟିଆ, ବିଶ୍ୱନାଥ। ୧୯୩୧। ବିଚିତ୍ର ରାମାୟଣ।। ପ୍ରଥମ ପ୍ରକାଶ କଟକ: ଓଡିଶା କୋହିନୂର ପ୍ରେସ୍, ଚୌଧୁରୀ ବଜାର। ପୃ –୭୫/୭୬।

୮) "ପୁତ୍ରହୀନ୍ ମହାରାଜା ମନେଦୁଃଖ୍ ଦାହ୍/ କରିଲେନ୍ ସାତଶହ୍ ପଚାଶ୍ ବିବାହ। "(ପୃ- ୭)

୯) ଓଝା, କୃତ୍ତିବାସ ( ସଂ ) ଶିଶିର କୁମାର ନିୟୋଗୀ )। ୧୯୫୭। ସହଜ କୃତ୍ତିବାସ ରାମାୟଣ। ପ୍ରଥମ ପ୍ରକାଶ। କୋଲକାତା: ଉଦୟନ ପ୍ରେସ୍। ପୃ – ୯।

୧୦ ) ତତ୍ରୈବ, ପୃ – ୧୫।

୧୧) ଖୁଣ୍ଟିଆ, ବିଶ୍ୱନାଥ। ୧୯୩୧। ବିଚିତ୍ର ରାମାୟଣ।। ପ୍ରଥମ ପ୍ରକାଶ କଟକ: ଓଡିଶା କୋହିନୂର ପ୍ରେସ୍, ଚୌଧୁରୀ ବଜାର। ପୃ – ୩୮/୩୯ ।

୧୨) ତତ୍ରୈବ, ପୃ –୮୮/୮୯।

୧୩) ତତ୍ରୈବ, ପୃ –୧୦।

୧୪ ) " ବଶିଷ୍ଠ କହେନ୍ ଦଶରଥ୍ ମନ୍ୱୋଧିୟା/ ଚାରି ତନୟେର୍ କରୋ ଅଧିବାସ କ୍ରିୟା।" (କୃ) ରାମାୟଣ ପୃ- ୨୩ )

## Funding

No funding was received for conducting this study.

## Does this Article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this Article.

## About the licenses

© **Hitesa Behera 2025**. The text of this Article is open access and licensed under a Creative Commons Attribution 4.0 International license.

DOI: 10.70541/BAGEESHA/2025030301
VOL NO 03 ISSUE NO 03

**Cite this Article :**

Behera, Hitesa, "Bichitra Ramayana Banam Kruttibasa Ramayana: Eka Tulanatmaka Bichara", Bageesha, Vol. No. 03, Issue No. 03, May-June 2025, Article No: BM2025/03-A001| Page- 09-15| DOI: https://doi.org/10.70541/BAGEESHA/2025030201